# ସହରାଞ୍ଚଳ ଜମିର ହେବ ହାଇଟେକ ସର୍ଭେ

## ଗଞ୍ଜାମ ଜିଲାରେ ଧାନକିଣା ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଛତ୍ରପୁର,୧୭।୧ (ସନ୍ତୋଷ ପାଢ଼ୀ/ଦିଳୀପ ସାମଲ):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶୁକ୍ରବାର ଗଞ୍ଜାମ ଜିଲାରେ ଅଦିନିଆ ବର୍ଷାରେ କ୍ଷତିର କ୍ଷତିପୂରଣ ଓ ଧାନକିଣା ସମ୍ବନ୍ଧୀୟ ସମୀକ୍ଷା କରିଛନ୍ତି। ଛତ୍ରପୁରସ୍ଥିତ ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଜିଲାର ସହରାଞ୍ଚଳରେ ଥିବା ଜମିର ହାଇଟେକ ସର୍ଭେ ହେବ ବୋଲି କହିଛନ୍ତି। ଇଡ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇ ଶିଳ୍ପାନୁଷ୍ଠାନଗୁଡିକୁ ଦିଆଯାଇଥିଲା। ଉକ୍ତ ଜମିର ଠିକ ବ୍ୟବହାର ହେଉଛି କି ନାହିଁ ମନ୍ତ୍ରୀ ବୈଠକରେ ପଚାରି ବୁଝିଥିଲେ। ସମ୍ପୃକ୍ତ ଶିଳ୍ପାନୁଷ୍ଠାନଗୁଡିକରେ କେତେଜଣ ସ୍ଥାନୀୟ ଓ ବାହାରର ଲୋକ ନିଯୁକ୍ତି ପାଇଛନ୍ତି ସେ ନେଇ ଏକ ଡାଟାବେସ୍ ପ୍ରସ୍ତୁତ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିପାଇଁ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଟିମ୍ ଗଠନ ହେବ। ଏଥିରେ ଡିଆଇସି ଜିଏମ୍, ରାଜସ୍ୱ ନିରୀକ୍ଷକ ଓ ଅନ୍ୟମାନେ ରହିବେ । ହୁମ୍ମାଠାରେ ଲୁଣଚାଷ ପାଇଁ କେନ୍ଦ୍ରକୁ ଜମି ଦିଆଯାଇଥିଲା। ଏବେ ସେଠାରେ ଲୁଣ ଚାଷ ନ ହୋଇ ଜମି ପଡ଼ିଆ ପଡିଛି। ଏହି ଜମି କିଭଳି ଓଡିଶା ରାଜସ୍ୱ ବିଭାଗକୁ ଫେରିବ ସେ ନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯିବ ବୋଲି ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି। ବୈଠକରେ ରାଜସ୍ୱ ସେବା ଗତିବିଧି ଓ ଅଗ୍ରଗତି, ବସୁନ୍ଧରା ଯୋଜନାରେ ଗରୀବ ଲୋକଙ୍କୁ ଜମି ପଟ୍ଟା, ଜନଜାତିଙ୍କ ପାଇଁ ଜଙ୍ଗଲ ଜମି ଅଧିକାର, ଶିକ୍ଷାନୁଷ୍ଠାନଗୁଡିକୁ ଜମିର ପଟ୍ଟା ପ୍ରଦାନ, ଜମିଜମା ସେଟଲମେଣ୍ଟ ସମାଧାନ ଏବଂ ବାଲି ଓ ମଦ ଚୋରାଚାଲାଣ ଉପରେ ଅଙ୍କୁଶ ଲଗାଇବା ନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ। ଏଥିସହ ଅଦିନିଆ ବର୍ଷାରେ କ୍ଷତି ସହିଥିବା କେତେଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି ତାହା ପଚାରି ବୁଝିଥିଲେ। ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ନେଇ ଆଲୋଚନା ହୋଇଥିଲା । ଗୁରୁବାର ସୁଦ୍ଧା ୪୩୫ ପ୍ୟାକ୍ସ ଦ୍ୱାରା ୪୦୭୯ ଚାଷୀଙ୍କ ଠାରୁ ୧୭୩୪୨୪.୪୭ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ବର୍ତ୍ତମାନ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରାଯାଉଥିବା ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅବଗତ କରାଇଥିଲେ । ଗଞ୍ଜାମରେ ୨୩ଟି ତହସିଲରେ ୬୦୭୧୨.୬୧ ହେକ୍ଟର ଚାଷ କ୍ଷତି ହୋଇଥିଲା । ୧ ଲକ୍ଷ ୬୪ ହଜାର ୮୬ ଜଣ ଚାଷୀଙ୍କ ଫସଲ କ୍ଷତି ହୋଇଥିବା ବେଳେ ଜିଲାକୁ ୮୯ କୋଟି ୭୯ ଲକ୍ଷ ୨ ହଜାର ୬୩ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ୯୨ ହଜାର ୩୦୮ ଜଣ ଚାଷୀଙ୍କ ଖାତାକୁ ୪୫ କୋଟି ୬୫ ଲକ୍ଷ ୭୨ ହଜାର ୭୫ ଟଙ୍କା ଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର, ଆସିକା ବିଧାୟକ ସରୋଜ କୁମାର ପାଢୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ସମେତ ଜିଲାର ସମସ୍ତ ଉପଜିଲାପାଳ, ତହସିଲଦାର ଏବଂ ରାଜସ୍ୱ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

## ସଂକ୍ଷେପରେ

### ଅଧ୍ୟାପିକାଙ୍କ ଆକାଉଣ୍ଟରୁ ୨୪ ହଜାର ଗାଏବ

ଭଞ୍ଜନଗର,୧୭।୧(ବାବୁଲା ପ୍ରଧାନ)

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ସଂଯୁକ୍ତା ପଟ୍ଟନାୟକଙ୍କ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରୁ ସୋମବାର ୨୪ ହଜାର ଟଙ୍କା କଟି ଯାଇଥିଲା। ଗୁରୁବାର ସଂଯୁକ୍ତା ଆକାଉଣ୍ଟ ବାଲାନସ ଯାଞ୍ଚ କରିବା ପରେ ଟଙ୍କା କଟିଥିବା ଜାଣିଥିଲେ। ତେଣୁ ଶୁକ୍ରବାର ସଂଯୁକ୍ତା ବ୍ୟାଙ୍କକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହାପରେ ତାଙ୍କ ଟଙ୍କା ସଂଯୁକ୍ତା ଫେରି ପାଇଛନ୍ତି। ସଂଯୁକ୍ତାଙ୍କ ସ୍ୱାମୀ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ବିଭାସ ଦାସ ଏଠାରେ ତାହା କହିଛନ୍ତି। ଶିକ୍ଷିତ ଲୋକ ଯୋଗୁ ସଂଯୁକ୍ତା ଟଙ୍କା ଫେରି ପାଇଗଲେ। କିନ୍ତୁ ଅଶିକ୍ଷିତ ଲୋକ ଏବଂ ଯେଉଁମାନେ ବ୍ୟାଙ୍କ୍ ବାଲାନସ୍ ହିସାବ ଠିକ୍ ଭାବେ ରଖୁ ନାହାନ୍ତି ସେମାନଙ୍କ ଟଙ୍କା କଟିଗଲେ ସେମାନେ କେମିତି ଟଙ୍କା ଫେରି ପାଇବେ ତାହା ବଡ ପ୍ରଶ୍ନବାଚୀ ଦେଖାଦେଇଛି।

### ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

ଧରାକୋଟ,୧୭।୧(ବିଷ୍ଣୁକେଶରୀ ଆଚାର୍ଯ୍ୟ):

ମୁଣ୍ଡମରାଇ ସରସ୍ୱତୀ ଶିଶୁ ମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଶିଶୁ ମନ୍ଦିରର ସଭାପତି ଯୋଗେନ୍ଦ୍ର ସାସମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ବିଡିଓ ଡେନିସ ବେହେରା, ଦକ୍ଷିଣ ପୂର୍ବ ସମ୍ଭାଗ ସମ୍ପାଦକ ଦୀପକ ମହାରଣା, ଏବିଇଓ ସୀମାଞ୍ଚଳ ବେହେରା,ବିଭୂତି ଭୂଷଣ ପାତ୍ର, ସମ୍ପାଦକ ଚିଦାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଧାନ ଆଚାର୍ଯ୍ୟ ମହେଶ୍ୱର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୁରୁଜୀ ଗଣେଶ ପାତ୍ର ଓ ବଳରାମ ଡାକୁଆ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବାଳସୁଧାର ଗୃହକୁ ଗଲେ ଅଭିଯୁକ୍ତ

#### ଗଞ୍ଜେଇ ଜବତ ଘଟଣା

ଦିଗପହଣ୍ଡି,୧୭।୧(ଅଶେଷ ନାଥ ମିଶ୍ର)

ବାଇକ ସହ ଗଞ୍ଜେଇ ଜବତ ଘଟଣାରେ ଗଞ୍ଜାମ ଜିଲା ପାଟପୁର ଥାନା ଏସ୍‌ଆଇ ହିମାଂଶୁ ପାତ୍ର ଶୁକ୍ରବାର ଅଭିଯୁକ୍ତଙ୍କୁ ଥାନା ମାମଲା ନଂ.୩୯/୨୫ ଅନୁଯାୟୀ ବ୍ରହ୍ମପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଗୁରୁବାର ସନ୍ଧ୍ୟାରେ ପୋଲିସ ଟିମ୍ ୩୨୬ ନଂ ଜାତୀୟ ରାଜପଥ ପୋଡାମାରି-ତପ୍ତପାଣି ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଗଜପତି ଜିଲା ମୋହନାରୁ ଦୃତଗତିରେ ଆସୁଥିବା ବାଇକ (ନଂ. ଓଡ଼ି ୨୦ ସି -୦୩୮୩)କୁ ଅଟକାଇଥିଲେ। ବାଇକ ଚାଳକ ଧରିଥିବା ବ୍ୟାଗକୁ ଖାନ ତଲାସ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ବାଇକ ସହ ଚାଳକଙ୍କୁ ପୋଲିସ ଥାନାକୁ ଉଠାଇ ଆଣିଥିଲେ। ଜବତ ଗଞ୍ଜେଇକୁ ଓଜନ କରିବାରୁ ତାହା ୨୧ କେଜି ୧ ଶହ ଗ୍ରାମ ହୋଇଥିଲା ବୋଲି ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

### ବ୍ଲକସ୍ତରୀୟ ପରାମର୍ଶ ଶିବିର

ଖଲିକୋଟ,୧୭।୧(ପଶାନ୍ତ କୁମାର ମିଶ୍ର)

ଖଲିକୋଟ ସ୍ଥିତ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ଠାରେ ଶୁକ୍ରବାରେ ବ୍ଲକ ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଖଲିକୋଟ ବିଡ଼ିଓ ଦେବାଶିଷ ସାମଲ ଓ ସମ୍ମାନୀତ ଅତିଥି ଭାବେ ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀ ଯୋଗଦେଇ ଥିଲେ। ପରେ ବିଡ଼ିଓ ସାମଲ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ବୈଷୟିକ ଶିକ୍ଷା ଓ ନିଯୁକ୍ତି ଭିତ୍ତିକ ତାଲିମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ନିଜ ନିଜର ନାମ ପଞ୍ଜିକରଣ କରିଥିବା ବେଳେ ଏମବିକେ, ସିଆରପି ଓ ବିଭିନ୍ନ ତାମିଲ କେନ୍ଦ୍ରର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜମି ବିକ୍ରିବା ନିୟମ ସରଳୀକରଣ ପାଇଁ ମନ୍ତ୍ରୀଙ୍କୁ ସ୍ମାରକପତ୍ର

ଛତ୍ରପୁର/ବ୍ରହ୍ମପୁର,୧୭।୧ (ସନ୍ତୋଷ ପାଢ଼ୀ/ସ୍ମୃତିରଞ୍ଜନ ମହାଲିକ):

ଗଞ୍ଜାମ ଜିଲ୍ଲାରେ ୨୦୨୨ ମେ ୧ ତାରିଖଠାରୁ ଭାଗ ଜମି ବିକ୍ରି କରିବା ବନ୍ଦ ହୋଇଯାଇଛି। ଏହି ସମସ୍ୟା ସମାଧାନ ପାଇଁ ଶୁକ୍ରବାର ଛତ୍ରପୁର ଗସ୍ତରେ ଆସିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନୂତନ ନିୟମ ପ୍ରକାରେ ଜଣେ ବ୍ୟକ୍ତି ନିଜ ଜମିର କିଛି ଅଂଶ ବିକ୍ରି କରି ପାରିବନାହିଁ। ଯାହାଫଳରେ ବିନା କାରଣରେ ସମସ୍ତ ଜମି ବିକ୍ରି କରିବାକୁ ବାଧ୍ୟ ହେବାକୁ ପଡୁଛି। ଅନ୍ୟପକ୍ଷରେ ଗରିବ ଶ୍ରେଣୀର ଲୋକ ଛୋଟ ଜାଗାଟିଏ କିଣି ଘର କରିପାରୁନାହାନ୍ତି। ଏପରିକି ସାସ୍ଥ୍ୟଗତ କୌଣସି ସମସ୍ୟା ହେଲେ ମଧ୍ୟ ଆବଶ୍ୟକସ୍ଥଳେ ନିଜ ସମ୍ପତ୍ତିର ଆଶିଂକ ଭାଗ ମଧ୍ୟ ବିକ୍ରି କରି ପାରୁନାହାନ୍ତି। ପୈତୃକ ସମ୍ପତ୍ତିକୁ ମଧ୍ୟ ଭାଗ ବଣ୍ଟା ହୋଇପାରୁନି। ଜମି ବିକ୍ରି ବନ୍ଦ ଯୋଗୁ ସହର ବିକାଶ, ନିର୍ମାଣରେ ବାଧା ସୃଷ୍ଟି ହେଉଛି। ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ହେଉଛି।ଏସବୁ ଅସୁବିଧାର ସମାଧାନ ପାଇଁ ଓଡିଶା ସରକାର ଏକ ସରଳିକରଣ ଉପାୟ ବାହାର କରି କିଣାବିକା, ନିର୍ମାଣ କାର୍ଯ୍ୟ, ଜନସାଧାରଣଙ୍କ ରୋଜଗାର ଆଦି, ସହର, ଗାଁ ର ବିକାଶକୁ ଦୃଷ୍ଟିରେ ରଖି ଆଇନ ପ୍ରଣୟନ କରିବାକୁ ମନ୍ତ୍ରୀଙ୍କୁ ନିବେଦନ କରାଯାଇଛି । ସ୍ମାରକପତ୍ର ପ୍ରଦାନ ବେଳେ ଲୋହିତ ମଙ୍ଗରାଜ, ସନ୍ତୋଷ କୁମାର ପାଢ଼ୀ, ସୁନୀଲ ପାଣିଗ୍ରାହୀ, ଅଜିତ କୁମାର ସୁବୁଦ୍ଧି, ଧନୁର୍ଦ୍ଧର ପାତ୍ର, ପ୍ରଦୀପ ସିଂ, ସଞ୍ଜୀବ କୁମାର ଦାଶ, ପ୍ରଭାତ ତ୍ରିପାଠୀ, ସଂଗ୍ରାମ ମହାନ୍ତି, ମଧୁସୂଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଦ୍ଧକ୍ୟ ଭତ୍ତା ବଢ଼ାଇବାକୁ ଦାବି



ବ୍ରାହ୍ମଣୀଗାଁ,୧୭।୧ (ମନୋରଞ୍ଜନ ରଣା)

ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା ବଢ଼େଇବାକୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଆନ୍ଦଳନ କରି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏମିତି ଏକ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକର ବ୍ରାହ୍ମଣୀଗାଁ ପଞ୍ଚାୟତରେ। ପଞ୍ଚାୟତରେ ୪୫୩ ହିତାଧିକାରୀ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୩୫ ହିତାଧିକାରୀ ୩ହଜାର ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିବେଚିତ ହୋଇ ଥିବା ୩୫ଜଣଙ୍କ ଭିତରୁ ୪ଜଣ ହିଁ ପାଉଛନ୍ତି। ଲୋକଙ୍କ କହିବା ଅନୁଯାୟୀ ସରକାର ଶାସନକୁ ଆସିଲେ ବାର୍ଦ୍ଧକ୍ୟଙ୍କୁ ୩ହଜାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ଯାହାକୁ ୮୦ବର୍ଷରୁ ଅଧିକ ହୋଇଛି ସେମାନେ ହିଁ ପାଇବା ଯୋଗ୍ୟ ବୋଲି ଶୁଣୁ ଥିବାରୁ ଅସନ୍ତୋଷ ପ୍ରକାଶ କରି ଆମମାନଙ୍କୁ କାହିଁକି ଦିଆଯିବ ନାହିଁ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଶାସନ କ୍ଷମତାକୁ ୭ ମାସ ପୁରିବାକୁ ବସିଲାଣି। କିନ୍ତୁ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରି ନାହାନ୍ତି ବୋଲି ହିତାଧିକାରୀ ମାନେ କହିଛନ୍ତି। ଶୁକ୍ରବାର ବ୍ରାହ୍ମଣୀଗାଁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଅଞ୍ଚଳର ସମସ୍ତ ହିତାଧିକାରୀ ସରକାରଙ୍କୁ ସେମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ଆଗାମୀ ମାସରେ ୩ ହଜାରକୁ ବଢ଼ାଇବାକୁ ଦାବି କରିଛନ୍ତି। ଯଦି ଆଗାମୀ ମାସରେ ସରକାର ଦାବି ନ ଶୁଣନ୍ତି ତାହାଲେ ଯେତିକି ବି ମିଳୁଛି ତାହା ଗ୍ରହଣ କରିବୁ ନାହିଁ ଏବଂ ଅନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦ୍‌ଯାପିତ

## ୩୮୧ ପଞ୍ଜୀକୃତ, ୨୬୯ଙ୍କୁ ମିଳିଲା ପ୍ରମାଣପତ୍ର

ଦାରିଙ୍ଗବାଡ଼ି, ୧୭।୧ (ଅରୁଣ ସାହୁ)



ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷେତିଶ ପ୍ରିୟଦର୍ଶିଙ୍କ ଅଧ୍ୟକ୍ଷତା କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଦିବ୍ୟାଙ୍ଗମାନେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିରେ ୩୮୧ପଞ୍ଜିକୃତକରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୬୯ ଜଣଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ସେମାନଙ୍କ ମଧ୍ୟରେ ମାନସିକ ଅନଗ୍ରସର, ଦୃଷ୍ଟିଶକ୍ତି ବାଧକ, ଶ୍ରବଣ ଶକ୍ତି ବାଧକ, ଚଳଣି ବାଧକ ଆଦି ରହିଥିଲେ। ସେମାନଙ୍କୁ ଡାକ୍ତର ଦେବଜିତ ଦାସ, ଡାକ୍ତର ଶ୍ରବଣ ସାହୁକାର, ଡାକ୍ତର ଉତ୍କଳ କେଶରୀ ବେହେରା, ଡାକ୍ତର ଜୟଦେବ ଘୋଷ, ଡାକ୍ତର ସତ୍ୟବ୍ରତ ସାହୁ ପ୍ରମୁଖ ରୋଗୀ ପରୀକ୍ଷା କରି ଚିହ୍ନଟ କରି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଯେଉଁମାନଙ୍କୁ ପ୍ରମାଣପତ୍ର ମିଳିଛି ସେମାନଙ୍କୁ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏହି ସବୁ କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ବାଲିଗୁଡା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମମିତା ପ୍ରଧାନ, ପ୍ରମୋଦ ବଡ଼ସେଠ, ଅକ୍ଷୟ ପଣ୍ଡା, ହେମନ୍ତ ମେହେର, ବସନ୍ତ ପଳେଇ ଏବଂ ବ୍ଲକର ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ ଷଡ଼ଙ୍ଗୀ ଓ ଅନ୍ୟକର୍ମଚାରୀ ଶିବିରକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ନିଶା ଦେଇ ଲୁଟ ଘଟଣା,୫ ଅଭିଯୁକ୍ତ ଗିରଫ

ପୁରୁଷୋତ୍ତମପୁର,୧୭।୧ (ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ଯାହାକି ଏକ ଅଟୋ ଯୋଗେ ଘରକୁ ଫେରୁଥିବା ବେଳେ ଅଟୋ ଚାଳକ ଜଣେ ୬୦ ବର୍ଷିଆ ବୃଦ୍ଧାଙ୍କ ସହ ୬ ବର୍ଷର ଶିଶୁ କନ୍ୟାଙ୍କୁ ଅପହରଣ କରିନେଇ ସେମାନଙ୍କୁ ନିଶାଦେଇ ପିନ୍ଧିଥିବା ସୁନା, ରୁପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗରେ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଅଟୋ (ନଂ. ଓଡି ୨୫- ୦୯୧୨), ନିଶା ବଟିକା, ମୋବାଇଲ ଫୋନ ଓ ଲୁଟି ନେଇଥିବା ୧୬ ଗ୍ରାମର ସୁନାକୁ ଜବତ କରିଥିବା ଆଇଆଇସି ରାଜେଶ କୁମାର ନାୟକ କହିଛନ୍ତି। ସୂଚନାଯୋଗ୍ୟ, ୪ ତାରିଖରେ ପୁରୁଷୋତ୍ତମପୁର ଚାଙ୍ଗୁଡିଆପଦର ସାହିର କୁନ୍ତଳା ଗୌଡ(୬୮) ତାଙ୍କ ନାତୁଣୀ ସୁଇଟି(୬)ଙ୍କୁ ଧରି ନିଜ ଝିଅ ଘର ଚଢେଆପଲୀରୁ ନିଜ ଗ୍ରାମକୁ ଏକ ଅଟୋ ଯୋଗେ ଫେରିବା ବେଳେ ଅଟୋ ଚାଳକ ସେମାନଙ୍କୁ ପୁରୁଷୋତ୍ତମପୁର ଆଣି ଛାଡ଼ିବା ପରିବର୍ତ୍ତେ ବାଟରୁ ଅପହରଣ କରି ଅନ୍ୟ ଏକ ରାସ୍ତାକୁ ନେଇଯାଇଥିଲେ। ଇତିମଧ୍ୟରେ ଅଟୋ ଚାଳକ କୌଶଳତାର ସହ କୁନ୍ତଳା ଏବଂ ସୁଇଟିଙ୍କ ସହ ବିଶ୍ୱାସ ଜନ୍ମାଇ ଲଡୁ ଓ କୋଲଡ୍ରିଙ୍ଗରେ ନିଶା ବଟିକା ମିଶାଇ ଖାଇବାକୁ ଦେଇଥିଲେ। ଏହାକୁ ଖାଇ ସେମାନେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଏହାର ସୁଯୋଗନେଇ ବୃଦ୍ଧା କୁନ୍ତଳା ପିନ୍ଧିଥିବା ସୁନା, ରୁପା ଅଳଙ୍କାରକୁ ଲୁଟି ନେଇ ରମ୍ଭା ଥାନା ଅନ୍ତର୍ଗତ କାଇଁଚପୁର ଗାଁ ନିକଟସ୍ଥ ଏକ ବିଶ୍ରାମସ୍ଥଳ ନିକଟରେ ସେମାନଙ୍କୁ ପକାଇ ଦେଇ ଅଟୋଚାଳକ ଚମ୍ପଟ ମାରିଥିଲେ।

# ନିମ୍ନମାନର ରାସ୍ତା କାର୍ଯ୍ୟକୁ ନେଇ ଜିଲାପାଳଙ୍କୁ ଅଭିଯୋଗ

ଖଜୁରିପଡ଼ା,୧୭।୧ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଭେଟ ଖୋଲ ଏନ୍‌ଏଚ୍‌ଠାରୁ ଲଣ୍ଡୁଗୁଡ଼ା ପର୍ଯ୍ୟନ୍ତ ଗ୍ରାମ୍ୟ ନିର୍ମାଣ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଉକ୍ତ କାର୍ଯ୍ୟ ନିମ୍ନମାନର ନିର୍ମାଣ କରାଯାଉଛି ବୋଲି ୧୦ ଗ୍ରାମର ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ବାରାଗାଡ଼ା, ପ୍ରାଙ୍ଗାପଡ଼ା, ଖଲି ଗୁର୍ଡିରି, ସୂଜା ପାଙ୍କୁ, ଖୁଡୁ ତେଲି, ଜାର୍ଗିସରୁ, ଗୋଦା ବରି, ଶ୍ରାମ୍ବୀପଡ଼ା, ଲଣ୍ଡୁ ଗୁଡ଼ା ଓ ବାଣାମେରୁ ଗ୍ରାମର ଯାତାୟାତ ସୁବିଧା ପାଇଁ ସରକାର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ମଞ୍ଜୁର କରୁଛନ୍ତି। କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି, ଯାହାଫଳରେ ପିଚୁ ଉଠି ଯାଉଛି। ନିମ୍ନମାନର କାର୍ଯ୍ୟ ନିର୍ମାଣ କରି ସରକାରୀ ଅର୍ଥ ଆତ୍ମସାତ କରାଯାଉଛି ବୋଲି ଅଭିଯୋଗ କରୁଛନ୍ତି। ତେଣୁ ଏହାର ତଦନ୍ତ କରି ଉଚିତ୍ ଭାବେ ରାସ୍ତା ନିର୍ମାଣ କରିବା ପାଇଁ ୧୦ ଗ୍ରାମର ଶତାଧିକ ପୁରୁଷ ମହିଳା ଦସ୍ତଖତ କରି ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ ଶୁଣାଣି ଶିବିରରେ ଚୈତନ୍ୟ ମାଝୀ, ସନନ୍ଦ ମାଝୀ, ଗୋକୁଳ ମଲିକ, ପ୍ରଦୀପ ମଲିକ ପ୍ରମୁଖ ପ୍ରଦାନ କରିଛନ୍ତି।

# ପ୍ରଶାସନକୁ ସୁଦୃଢ଼ ସକାଶେ ପଞ୍ଚାୟତସ୍ତରୀୟ ବୈଠକ

ଆର.ଉଦୟଗିରି.୧୭।୧(ମନୋଜ କୁମାର ପାଢୀ)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ସଦର ମହକୁମା ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲରିମନ ଖର୍ସେଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ସରପଞ୍ଚ ଜାମେଶ ରାଇକାଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଚିବ ପାର୍ବତୀ ମଞ୍ଜରୀ ମହାଲିକ ଯୋଗଦେଇ ବିଭାଗୀୟ ଅଧିକାରୀମାନଙ୍କୁ ଜନ ସାଧାରଣଙ୍କ ସାମୂହିକ ବିକାଶ ପାଇଁ ସବୁ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀପାଳନ, ଆଇସିଡିଏସ୍, ଜୀବିକା ମିଶନ ଓ ଉଦ୍ୟାନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ବିଇଓ ବୀରେନ୍ଦ୍ର ମଣ୍ଡଳ,ବ୍ରହ୍ମପୁର ଆର୍‌ଡିସିର ସମୀକ୍ଷକ ଜଗନ୍ନାଥ ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ଉଦୟଭାନୁ, ଜିପିଇଓ ଦାମୋଦର ରେଞ୍ଜୀ, ବିପିଏମ, ଏମ୍‌ଆଇ ଓ ସିଆର୍‌ସିସି ଉପସ୍ଥିତ ରହି ନିଜ ଯୋଜନାଗୁଡିକ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପିଇଓ ରବୀନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ


ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

ରାମଗିରି.୧୭।୧(ବୃନ୍ଦାବନ ଗୌଡ଼)

ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୁବକଙ୍କ ପରିବାରକୁ ରେଡ଼କ୍ରସ ଓ ହରିଶ୍ଚନ୍ଦ୍ର ଯୋଜନାରେ ଆର.ଉଦୟଗିରି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସହାୟତା ପ୍ରଦାନ କରିଛନ୍ତି। ବୁଧବାର ଆର. ଉଦୟଗିରି ଥାନା ଅନ୍ତର୍ଗତ ଜନାପଦା ନିକଟ ଜାତୀୟ ରାଜପଥ ୩୨୬ (ଏ) ରାସ୍ତା କଡ଼ରେ ଥିବା ଆମ୍ବ ଗଛରେ ଏକ ଯାତ୍ରୀବାହୀ ଅଟୋ ଦୁର୍ଘଟଣା ହୋଇଥିଲା। ଏଥିରେ ରାମଗିରି ଗୌଡ଼ ସାହିର ସ୍ୱର୍ଗତ ଲିମା ଚୌଧୁରୀଙ୍କ ପୁଅ ଟୁକୁନା ଚୌଧୁରୀ(୧୮) ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାର ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ସ୍ଥାନୀୟ ସରପଞ୍ଚ ସସ୍ମିତା କାର୍ଜି ଓ ନାଏବ ସରପଞ୍ଚ ରାଜେନ୍ଦ୍ର ମାଝୀଙ୍କ ହସ୍ତକ୍ଷେପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ ଖର୍ସେଲ ଗାଁରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ରେଡକ୍ରସ ତରଫରୁ ପନ୍ଦର ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରେ ତିନି ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହିତ ବ୍ଲକ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ପ୍ରଦାନ କଲେ ଜାତୀୟ ପେନ୍‌ସନ ଯୋଜନାରେ କୋଡ଼ିଏ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ଏବଂ ଏକ ଇନ୍ଦିରା ଆବାସ ସହ ମୃତକଙ୍କ ଭଉଣୀ ଟୁକୁନି ଚୌଧୁରୀଙ୍କ ଉଚ୍ଚ ଶିକ୍ଷା ପାଇଁ ସହାୟତା ସହିତ ଆବଶ୍ୟକ ପ୍ରମାଣପତ୍ର ଯୋଗାଡ଼ କରିବା ପରେ ଲେବର କାର୍ଡ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ପ୍ରଦାନ କରେଇବା ପାଇଁ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସମନ୍ୱୟ ରକ୍ଷାକରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀଙ୍କ ପରାମର୍ଶ

- ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ
- ସରପଞ୍ଚ, ସମିତିସଂଘ ପକ୍ଷରୁ ଦାବିପତ୍ର

ଭଞ୍ଜନଗର,୧୭।୧(ବାବୁଲା ପ୍ରଧାନ)- ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଭଞ୍ଜନଗର ଗସ୍ତରେ ଆସି ଶୁକ୍ରବାର ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଗୟଗଣ୍ଡାଠାରେ ଚାଲିଥିବା ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରି ଏହାର ସମୀକ୍ଷା କରିଥିଲେ। ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ କାହିଁକି ଚାଲିଛି ସେନେଇ ମନ୍ତ୍ରୀ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ହିମାଂଶୁ ଶେଖର ମହାନ୍ତିଙ୍କୁ ଡାକି ଆଲୋଚନା କରିଥିଲେ। ଡିଏଫ୍‌ଓ କହିଥିଲେ, ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ପାଇପ ଲାଇନ ବିଛାଇବା ପାଇଁ ଆମ ପାଖରେ କୌଣସି ଫାଇଲ ଅଟକି ରହିନାହିଁ। ପରେ ମନ୍ତ୍ରୀ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ମୁଖ୍ୟ, ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରକଳ୍ପ କାର୍ଯ୍ୟ ମନ୍ଥରର କାରଣ ପଚାରିଥିଲେ। ବନ ବିଭାଗ, ଜଳସମ୍ପଦ ସମେତ ଆଉ କେତେକ ବିଭାଗର କ୍ଲିଅରାନ୍ସ ଅନୁମତି ମିଳିବାରେ ବିଳମ୍ବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ହୋଇପାରିନାହିଁ ବୋଲି ଯନ୍ତ୍ରୀମାନେ ମନ୍ତ୍ରୀ ନାୟକଙ୍କୁ ଅବଗତ କରାଇଥିଲେ। ଏହାକୁ ନେଇ ମନ୍ତ୍ରୀ ନାୟକ ବିରକ୍ତି ପ୍ରକାଶ କରି ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଖବରଦାତାଙ୍କୁ ସୂଚନା ଦେଇ ମନ୍ତ୍ରୀ କହିଥିଲେ, ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ଖେଳପଡିଆ ହେବ। ଯେଉଁ ପଞ୍ଚାୟତର ନିଜସ୍ୱ କୋଠା ନାହିଁ ସେଠାରେ ନୂତନ କୋଠା ନିର୍ମାଣ ହେବ। ଆସନ୍ତା ୨୨ରେ ବସିବାକୁ ଥିବା କ୍ୟାବିନେଟ ବୈଠକରେ ଅନେକ ପ୍ରକଳ୍ପ ପାଇଁ ଅନୁଦାନ ବ୍ୟବସ୍ଥା କରାଯିବ। ଭଞ୍ଜନଗର ବ୍ଲକ ସରପଞ୍ଚ ସଂଘ ସଭାପତି ସୁବାସ ବରାଡଙ୍କ ନେତୃତ୍ୱରେ ସରପଞ୍ଚମାନେ ମନ୍ତ୍ରୀଙ୍କୁ ଭେଟି ବ୍ଲକକୁ ସତନ୍ତ୍ର ଅନୁଦାନ ଦେବା ପାଇଁ ଅନୁରୋଧ କରିଥିଲେ। ସେହିଭଳି ସମିତିସଭ୍ୟ ରାଜ୍ୟ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମିତିସଭ୍ୟମାନେ ପଞ୍ଚାୟତ ବୈଠକ ସମେତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କୁ ଅଧିକ କ୍ଷମତା ଦେବାକୁ ଦାବି କରିଥିଲେ। ଏନେଇ ବିଚାର କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସରପଞ୍ଚ ସୁକାନ୍ତ ମଲ୍ଲିକ, ଉଦ୍ଧବ ମିଶ୍ର, ପ୍ରତାପ ନାୟକ, ସୁନୀଲ ନାୟକ, ହୃଷୀ ପ୍ରଧାନ, ସମିତିସଭ୍ୟ ଜେ. ମନୋଜ ପୃଷ୍ଟି, ନାରାୟଣ ବେହେରା, ରାଧେଶ୍ୟାମ ଜେନା, ପୀତବାସ ପ୍ରଧାନ, ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ମୁଖ୍ୟ (ଇଆଇସି) ଜୟ ନାରାୟଣ ସିଟ, ସହକାରୀ ମୁଖ୍ୟଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦାସ, ଅଧୀକ୍ଷଣ ଯନ୍ତ୍ରୀ ମୁନା କାଲୁଣ୍ଡିଆ,ଏସ୍‌ଡିଓ ନୀହାର ରଞ୍ଜନ ସାଇଁ, ଭଞ୍ଜନଗର ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନୟାଗଡ଼ ଜିଲା ଗଣିଆ ନିକଟସ୍ଥ ଛାମୁଣ୍ଡିଆ କିମ୍ବା ରାସଙ୍ଗଠାରୁ ମହାନଦୀରୁ ପାଇପ ଯୋଗେ ପାଣି ଆଣି ଗାୟଗଣ୍ଡା ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ରଖାଯିବ। ସେଠାରୁ ଗଞ୍ଜାମ ଜିଲାର ୧୧ ବ୍ଲକ ଏବଂ ୫ ଏନ୍‌ଏସିକୁ ଜଳ ଯୋଗାଣ ହେବ। ଏ ବାବଦରେ ୧୫୦୯ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଜୁନ ୨୦୨୫ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପର ୧୦ରୁ ୨୦ ପ୍ରତିଶତ କାମ ସରିଛି। ଆଉ ୫ ମାସ ପରେ ଚୁକ୍ତି ଅବଧି ସରିବ। ଏପରିସ୍ଥଳେ ଧାର୍ଯ୍ୟ ସମୟ ମଧ୍ୟରେ କିପରି ପ୍ରକଳ୍ପ କାର୍ଯ୍ୟ ସରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ସରପଞ୍ଚ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି ।

